ଓଡ଼ିଶା ସାହିତ୍ୟ ଏକାଡେମୀ
ସମାଚାର
ODISHA SAHITYA AKADEMI SAMACHAR
67th Issue : April-June 2019
ସଂଖ୍ୟା ୬୭: ଅପ୍ରେଲ-ଜୁନ୍ ୨୦୧୯

# ଗୋପୀନାଥ ମହାନ୍ତି ସ୍ମାରକୀ ବକ୍ତୃତା




ଓଡ଼ିଆ ସାହିତ୍ୟର ମହାରଥୀ ଗୋପୀନାଥ ମହାନ୍ତି ବଞ୍ଚିତ ଲୋକଙ୍କ ଜୀବନଧାରାରେ ସତ୍ୟ-ଶିବ-ସୁନ୍ଦର ଅନ୍ୱେଷଣ କରିଥିଲେ। ତାଙ୍କ ରଚନାରେ ଜନଜାତି ତଥା ବଞ୍ଚିତଙ୍କ ଐତିହ୍ୟର ଅବକ୍ଷୟ ଏବଂ ବିଲୋପ ସମ୍ପର୍କରେ ଗଭୀର ଅନୁଶୀଳନ ପରିଲକ୍ଷିତ ହୁଏ । ଜ୍ଞାନପୀଠ ପୁରସ୍କାର ବିଜେତା ପ୍ରଖ୍ୟାତ ଔପନ୍ୟାସିକ ପଦ୍ମଭୂଷଣ ଡ. ଗୋପୀନାଥ ମହାନ୍ତିଙ୍କ ୧୦୫ତମ ପୁଣ୍ୟ ଜନ୍ମତିଥି ଓଡ଼ିଶା ସାହିତ୍ୟ ଏକାଡେମୀ ତରଫରୁ ଗୋପୀନାଥ ଇଣ୍ଟରନ୍ୟାସନାଲଙ୍କ ମିଳିତ ସହଯୋଗରେ ଭୁବନେଶ୍ୱରସ୍ଥ ଜୟଦେବ ଭବନଠାରେ ୨୦ ଅପ୍ରେଲ ୨୦୧୯ ସାନ୍ଧ୍ୟ ଅବସରରେ ଅନୁଷ୍ଠିତ ହୋଇଯାଇଅଛି । କେନ୍ଦ୍ର ଲଳିତ କଳା ଏକାଡେମୀର ପ୍ରାକ୍ତନ ଅଧ୍ୟକ୍ଷ ତଥା ଜାତୀୟ ସଂଗ୍ରହାଳୟ ପୂର୍ବତନ ମହାନିର୍ଦ୍ଦେଶକ ବିଶିଷ୍ଟ ଐତିହାସିକ ତଥା ସାହିତ୍ୟିକ ଡ. କଲ୍ୟାଣ କୁମାର ଚକ୍ରବର୍ତ୍ତୀ ଯୋଗ ଦେଇ 'ପଥଭ୍ରଷ୍ଟ ଓ ଅଧିକାର ବଞ୍ଚିତ (ମଣିଷ)' ପ୍ରସଙ୍ଗ ଉପରେ ବକ୍ତୃତା ପ୍ରଦାନ କରିବା ସହ ଗୋପୀନାଥଙ୍କ କୃତିଗୁଡ଼ିକର ସଂତୃପ୍ତି ଓ ହତାଶାର ବର୍ଣ୍ଣନା, ଚରିତ୍ରାୟନ ଓ ଘଟଣାୟନର

(୮ମ ପୃଷ୍ଠା ଦେଖନ୍ତୁ)

# ପ୍ରଗତିଶୀଳ ସାମ୍ୟବାଦୀ ଚିନ୍ତାଧାରାର ଅନ୍ୟତମ ପ୍ରବକ୍ତା ଥିଲେ କବି ଅନନ୍ତ ପଟ୍ଟନାୟକ




ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ଭୁବନେଶ୍ୱରସ୍ଥ ଭଞ୍ଜ କଳାମଣ୍ଡପଠାରେ ୧୨ ଜୁନ୍ ୨୦୧୯ ସନ୍ଧ୍ୟା ଆସରରେ ବିପ୍ଳବୀ କବି ଅନନ୍ତ ପଟ୍ଟନାୟକଙ୍କ ଜୟନ୍ତୀ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବେ ପ୍ରାକ୍ତନ ପ୍ରଶାସକ ତଥା ବିଶିଷ୍ଟ କବି ଅଶ୍ୱିନୀ କୁମାର ମିଶ୍ର ଯୋଗଦେଇ କବି ଅନନ୍ତଙ୍କ ସାରସ୍ୱତ ସାଧନା ଓ ସାମ୍ୟବାଦୀ ଚିନ୍ତାଧାରା ଉପରେ ନିଜର ଅଭିଭାଷଣ ପ୍ରଦାନ କରିଥିଲେ। ମୁଖ୍ୟବକ୍ତା ଭାବେ ବିଜେବି ସ୍ୱୟଶାଂସିତ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ଡ. ପ୍ରସନ୍ନ କୁମାର ମହାନ୍ତି ଯୋଗଦେଇ କବିଙ୍କର ସାରସ୍ୱତ କୃତି ଓ ପ୍ରଗତିଶୀଳ ସାମ୍ୟବାଦୀ ଚିନ୍ତାଧାରାର ଅନ୍ୟତମ ପ୍ରବକ୍ତା ଥିଲେ ବୋଲି ସେ ମତବ୍ୟକ୍ତ କରିଥିଲେ ଏବଂ ତତ୍‌ସହିତ କବିଙ୍କର ନିରବଚ୍ଛିନ୍ନ ସାଧନା ଓ ସଂଗ୍ରାମୀ ଜୀବନ ଉପରେ ବିସ୍ତୃତ ଆଲୋଚନା କରିଥିଲେ। ଏକାଡେମୀର ସଭାପତି କବି ତଥା ନାଟ୍ୟକାର ହରିହର ମିଶ୍ର କବି ଅନନ୍ତ ପଟ୍ଟନାୟକଙ୍କୁ ଏକାଧାରରେ ଶିଶୁ ସାହିତ୍ୟିକ, ନାଟ୍ୟକାର, ସମାଲୋଚକ, ସଙ୍ଗଠକ ଓ ମାନବବାଦୀ କର୍ମୀ ଭାବେ ତାଙ୍କର ବହୁମୁଖୀ ପ୍ରତିଭା ଉପରେ ବିଶଦ ଆଲୋଚନା କରିଥିଲେ। ଏକାଡେମୀର ସଚିବ ଡକ୍ଟର ଜୟନ୍ତୀ ରଥ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିବା ସହ କବିଙ୍କର କାବ୍ୟ ସୃଷ୍ଟି ସମ୍ପର୍କରେ ଆଲୋଚନା କରିଥିଲେ। ଏକାଡେମୀର ବରିଷ୍ଠ ସହକାରୀ ସଞ୍ଜୟ କୁମାର ଛୁଆଳସିଂହ ଧନ୍ୟବାଦ ଅର୍ପଣ କରିଥିଲେ।

# ମହାପ୍ରଭୁଙ୍କ ଭାବରେ ବାନ୍ଧି ହୋଇଥିଲେ ସାଲବେଗ



ଶ୍ରୀକ୍ଷେତ୍ରରେ ମହାପ୍ରଭୁ ଶ୍ରୀଜଗନ୍ନାଥ ମାନବୀୟ ଲୀଳା କରୁଛନ୍ତି । ସେ ହେଲେ ଭାବର ଠାକୁର । କିଏ କେତେବେଳେ କେଉଁଭଳି ପରିସ୍ଥିତିରେ ମହାପ୍ରଭୁଙ୍କ ଭାବରେ ବାନ୍ଧି ହୋଇଯାଏ ତାହା କେହି କହିପାରିବେ ନାହିଁ । ମହାପ୍ରଭୁଙ୍କ ଭାବରେ ବାନ୍ଧି ହୋଇଯାଇଥିବା ସେହିଭଳି ଜଣେ ଭକ୍ତ ହେଲେ ସାଲବେଗ । ଭକ୍ତିରସାପ୍ଲୁତ ରଚନା ଭଳି ଭକ୍ତକୁ ଭାବ ରୂପକ ସାଗରରେ ଭସାଇଦିଏ ବୋଲି ଉଦ୍‌ଘାଟକ ଭାବେ ଓଡ଼ିଶା ସାହିତ୍ୟ ଏକାଡେମୀର ସଭାପତି ନାଟ୍ୟକାର ହରିହର ମିଶ୍ର ନିଜର ବକ୍ତବ୍ୟ ଉପସ୍ଥାପନ କରିଥିଲେ । ଓଡ଼ିଶା ସାହିତ୍ୟ ଏକାଡେମୀ ଓ ଭକ୍ତକବି ସାଲବେଗ ସାଂସ୍କୃତିକ ପରିଷଦର ମିଳିତ ସହଯୋଗରେ ମହାପ୍ରଭୁଙ୍କ ପରମ ଭକ୍ତ ତଥା ମହାନ ଗୀତିକବି ଭକ୍ତ ସାଲବେଗଙ୍କ ମହାପ୍ରୟାଣ ଦିବସ ୨୩ ଅପ୍ରେଲ ୨୦୧୯ ସାନ୍ଧ୍ୟ ଅଧିବେଶନରେ ବଡ଼ଦାଣ୍ଡ ବଳଗଣ୍ଡିସ୍ଥ ସମାଧି ପୀଠରେ ଅନୁଷ୍ଠିତ ହୋଇଯାଇଛି । ସହଯୋଗୀ ଅନୁଷ୍ଠାନର ସଭାପତି ଚକ୍ରଧର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କବି ସାଲବେଗଙ୍କ ମହାପ୍ରୟାଣ ତିଥି ଅବସରରେ ଭାଷାବିତ୍ ଡକ୍ଟର କୈଳାସ ଚନ୍ଦ୍ର ଟିକାୟତରାୟ ମୁଖ୍ୟଅତିଥି, ସଂସ୍କୃତି ଗବେଷକ ଡକ୍ଟର ସୁରେନ୍ଦ୍ର କୁମାର ମିଶ୍ର ମୁଖ୍ୟବକ୍ତା ଓ ସାରସ୍ୱତ ସାଧକ ଡକ୍ଟର ଉମେଶ ଚନ୍ଦ୍ର ଚିହ୍ନରା ସମ୍ମାନିତ ଅତିଥି ରୂପେ ଯୋଗଦାନ କରି ଭକ୍ତ ସାଲବେଗଙ୍କ ଜୀବନୀ ଓ ସାରସ୍ୱତ ସୃଷ୍ଟି ସମ୍ପର୍କରେ ଆଲୋଚନା କରିଥିଲେ । ଏକାଡେମୀର ବରିଷ୍ଠ ସହକାରୀ ଶ୍ରୀ ସଞ୍ଜୟ କୁମାର ଛୁଆଳସିଂହ ସ୍ୱାଗତ ଭାଷଣ ଓ ପରିଷଦର ସାଧାରଣ ସମ୍ପାଦକ ସଦାଶିବ ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ । ପ୍ରାରମ୍ଭରେ ଭକ୍ତ ସାଲବେଗଙ୍କ ସମାଧିରେ ଅତିଥିମାନେ ପ୍ରଦୀପ ପ୍ରଜ୍ୱଳନ ଓ ପୁଷ୍ପାର୍ଘ୍ୟ ଅର୍ପଣ କରିଥିଲେ । ଶିଳ୍ପୀ ଅନ୍ନପୂର୍ଣ୍ଣା ଦେବୀ ଭଜନ ପରିବେଷଣ କରିବା ସହ ନବ ପ୍ରତିଭା ଅନୁଷ୍ଠାନର କଳାକାରମାନେ ନୃତ୍ୟଗୁରୁ ଅଶୋକ କୁମାର ଦାସଙ୍କ ନିର୍ଦ୍ଦେଶନାରେ ସାଲବେଗଙ୍କ ରଚନାରୁ ଆହେ ନୀଳଶୈଳ ପ୍ରବଳ ମତବାରଣ ଭଜନ ଉପରେ ଆଧାରିତ ନୃତ୍ୟ ପରିବେଷଣ କରିଥିଲେ । ଚାରିଯୁଗର ଗାଥା ସମ୍ବଳିତ ନୃତ୍ୟନାଟିକା 'ସୃଷ୍ଟି' ଆୟୋଜନ ହୋଇଥିଲା । ଡକ୍ଟର ମିଳନ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ସହଯୋଗୀ ଅନୁଷ୍ଠାନର ସମ୍ପାଦକ ଶ୍ରୀ ଶ୍ୟାମ ପ୍ରକାଶ ସେନାପତି ଧନ୍ୟବାଦ ଅର୍ପଣ କରିଥିଲେ ।

# ସାନ୍ତାଳୀ ସମାଜର ଭାଷା, ସାହିତ୍ୟ ସଂସ୍କୃତି ପ୍ରତି ପଣ୍ଡିତ ରଘୁନାଥ ମୁର୍ମୁଙ୍କ ସାରସ୍ୱତ ସୃଷ୍ଟି ଏକ ଚିରନ୍ତନ ନିଦର୍ଶନ



ସାନ୍ତାଳୀ ଭାଷାର ପ୍ରଖ୍ୟାତ ଲେଖକ ପଣ୍ଡିତ ରଘୁନାଥ ମୁର୍ମୁ ଆଦିବାସୀ ସମାଜର ଜଣେ ପ୍ରତିଷ୍ଠାତା ଭାବେ କିଭଳି ସର୍ବତ୍ର କାର୍ଯ୍ୟ କରି ନିଜର ଗାରିମାକୁ ବଜାୟ ରଖିଥିଲେ ଏ ସମ୍ପର୍କରେ ୧୮ ମଇ ୨୦୧୯ରେ ଆୟୋଜିତ ଜୟନ୍ତୀରେ ଆମନ୍ତ୍ରିତ ଅତିଥିମାନଙ୍କ ଦ୍ୱାରା ବକ୍ତବ୍ୟ ଉପସ୍ଥାପନ କରାଯାଇଥିଲା । ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ 'ଆଦିମ୍ ଅୱାର ଜାର୍ପା'ର ମିଳିତ ସହଯୋଗରେ ଭୁବନେଶ୍ୱରସ୍ଥ ରବୀନ୍ଦ୍ର ମଣ୍ଡପଠାରେ ପଣ୍ଡିତ ମୁର୍ମୁଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଅନୁଷ୍ଠିତ ହୋଇଥିଲା । ବରିଷ୍ଠ ସାହିତ୍ୟିକ ତଥା ଓଡ଼ିଶା ସାହିତ୍ୟ ଏକାଡେମୀର ପୂର୍ବତନ ସଚିବ ଶ୍ରୀ ରାଜକିଶୋର ମିଶ୍ର ମୁଖ୍ୟଅତିଥି, ଗବେଷକ ଡକ୍ଟର ଅନନ୍ତ ଚରଣ ସାହୁ ସମ୍ମାନନୀୟ ଅତିଥି ଏବଂ ସମାଜସେବୀ ତଥା ଲେଖକ ଶ୍ରୀ ଜଗନ୍ନାଥ ମୁର୍ମୁ ମୁଖ୍ୟବକ୍ତା ଭାବେ ଯୋଗଦେଇ ରଘୁନାଥ ମୁର୍ମୁଙ୍କ ଜୀବନୀ, ସାନ୍ତାଳୀ ସମାଜର ଭାଷା, ସାହିତ୍ୟ, ସଂସ୍କୃତି ପ୍ରତି ତାଙ୍କର ସାରସ୍ୱତ ସୃଷ୍ଟି ଏକ ଚିରନ୍ତନ ନିଦର୍ଶନ ବୋଲି ଅଭିହିତ କରିଥିଲେ । ଆଦିମ୍ ଆୱାର ଜାର୍ପା ଅନୁଷ୍ଠାନର ସଭାପତି କାରୁ ମୁର୍ମୁ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିବା ବେଳେ ଓଡ଼ିଶା ସାହିତ୍ୟ ଏକାଡେମୀ କାର୍ଯ୍ୟକାରୀ ପରିଷଦର ସଦସ୍ୟ ଭାଗୀରଥି ମହାସୁଆର ସ୍ୱାଗତ ଭାଷଣ ଦେଇଥିଲେ । ପ୍ରାରମ୍ଭିକ ସୂଚନା ଦେଇଥିଲେ ଏକାଡେମୀର ବରିଷ୍ଠ ସହକାରୀ ଶ୍ରୀ ସଞ୍ଜୟ କୁମାର ଛୁଆଳସିଂହ । ସଭା ଶେଷରେ ସାନ୍ତାଳୀ ନୃତ୍ୟ ଓ ସଙ୍ଗୀତ ପରିବେଷଣ କରାଯାଇଥିଲା ।

# ଓଡ଼ିଆ ଗଳ୍ପ ସାହିତ୍ୟକୁ ବଳିଷ୍ଠ କରିବାରେ କବି ବ୍ରଜନାଥଙ୍କ ରଚନା ପ୍ରଶଂସନୀୟ




ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ଢେଙ୍କାନାଳ ଜିଲ୍ଲା ସଂସ୍କୃତି ପରିଷଦଙ୍କ ମିଳିତ ସହଯୋଗରେ କବି ବ୍ରଜନାଥ ବଡ଼ଜେନାଙ୍କ ଜୟନ୍ତୀ ଢେଙ୍କାନାଳସ୍ଥ ଅଭିନନ୍ଦନ ଗାର୍ଡ଼େନଠାରେ ୧୪ ଅପ୍ରେଲ ୨୦୧୯ ସନ୍ଧ୍ୟା ଆସରରେ ଅନୁଷ୍ଠିତ ହୋଇଯାଇଅଛି। କାର୍ଯ୍ୟକ୍ରମରେ 'ଶ୍ୱେତସଙ୍କେତ' ଓ 'ସାହାଣମେଲା'ର ସମ୍ପାଦକ ଦେବେନ୍ଦ୍ର ନାଥ ଦାଶ ମୁଖ୍ୟଅତିଥିଭାବେ ଯୋଗଦେଇ କବି ବ୍ରଜନାଥ ବଡ଼ଜେନାଙ୍କ କାବ୍ୟ ସୃଷ୍ଟି ରଚନା କିପରି ସାହିତ୍ୟ କ୍ଷେତ୍ରରେ ଅଶେଷ ଲୋକପ୍ରିୟତା ଅର୍ଜନ କରିପାରିଛି ଏ ଦିଗରେ ବିସ୍ତୃତ ଆଲୋଚନା କରିଥିଲେ। ମୁଖ୍ୟବକ୍ତା ଭାବେ ଶ୍ରୀ କୁଳମଣି ଜେନା ଯୋଗଦାନ କରି ଓଡ଼ିଆ ଗଳ୍ପ ସାହିତ୍ୟକୁ ବଳିଷ୍ଠ କରିବାରେ କବି ବଡ଼ଜେନାଙ୍କ ରଚନା ପ୍ରଶଂସନୀୟ ବୋଲି ନିଜର ବକ୍ତବ୍ୟ ଉପସ୍ଥାପନ କରିଥିଲେ। ଅଧ୍ୟାପିକା ଡ. ପୁଷ୍ପଲତା ରଥ ସମ୍ମାନନୀୟା ଅତିଥି ଭାବେ ଯୋଗଦାନ କରି କବିଙ୍କର ବହୁମୁଖୀ ସୃଜନଶୀଳ ପ୍ରତିଭା ଉପରେ ଆଲୋଚନା କରିଥିଲେ। ଏକାଡେମୀର ସଦସ୍ୟ ପଣ୍ଡିତ ମନୋରଞ୍ଜନ ନନ୍ଦ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରି ଓଡ଼ିଆ ଗଳ୍ପ ସାହିତ୍ୟର ବ୍ରଜନାଥ ଆଦି ସ୍ରଷ୍ଟା ଥିଲେ ବୋଲି ମତବ୍ୟକ୍ତ କରିଥିଲେ। ଇଂ. ମାନସ କୁମାର ନନ୍ଦ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଓଡ଼ିଶା ସାହିତ୍ୟ ଏକାଡେମୀର ବରିଷ୍ଠ ସହକାରୀ ସଞ୍ଜୟ କୁମାର ଛୁଆଳସିଂହ ସ୍ୱାଗତ ଭାଷଣ ଦେଇଥିଲେ। ଶିଳ୍ପୀ ପରେଶ ଚନ୍ଦ୍ର ପଟ୍ଟନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଡାକ୍ତର ଦେବୀପ୍ରସାଦ ଦାଶ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ମନୋରଞ୍ଜନ ନନ୍ଦଙ୍କର ପୁସ୍ତକ 'ପ୍ରବନ୍ଧମାଳା', ସଂଯୁକ୍ତା ମିଶ୍ରଙ୍କର କବିତା ସଂକଳନ 'ସ୍ୱପ୍ନକୁରଙ୍ଗୀ'କୁ ଅତିଥିମାନେ ଉନ୍ମୋଚନ କରିଥିଲେ। କାଳନ୍ଦୀଚରଣ ସାମଲ, କାଳିଚରଣ ତ୍ରିପାଠୀ, ସନ୍ତୋଷ କୁମାର ବେହେରା, ବିନାୟକ ଶତପଥୀ, ଇତିଶ୍ରୀ ସିଂହ, ବିରଞ୍ଚି ନାରାୟଣ ଖୁଣ୍ଟିଆ ପ୍ରମୁଖ ସାହିତ୍ୟିକମାନେ ଯୋଗଦାନ କରିଥିଲେ। ଏହି ଅବସରରେ ବାରଲକ୍ଷ୍ମୀ ରଣା, ମାକ୍ଷୀତମାମି ମହାପାତ୍ର, ମମତା ମିଶ୍ର ଓ ବିଷ୍ଣୁପ୍ରିୟା ରଥ ସଙ୍ଗୀତ ପରିବେଷଣ କରିଥିଲେ।

# ଭାଷାକୋଷ ଓ ଜ୍ଞାନକୋଷ ବିନୋଦ କାନୁନ୍‌ଗୋଙ୍କ ଓଡ଼ିଆ ସାହିତ୍ୟକୁ ଅମୂଲ୍ୟ ଦାନ




ଜ୍ଞାନତପସ୍ୱୀ ପଦ୍ମଶ୍ରୀ ବିନୋଦ କାନୁନ୍‌ଗୋ ଜ୍ଞାନମଣ୍ଡଳ ସହ ଯେତିକି ବହି ଲେଖିଛନ୍ତି, ତାହା ଏକାଠି ରଖିଲେ ତାଙ୍କ ଉଚ୍ଚତାକୁ ବି ବଳିଯିବ। ସକାଳେ ଲେଖିବା ଆରମ୍ଭ କଲେ ରାତି ପର୍ଯ୍ୟନ୍ତ ତାଙ୍କ କଲମକୁ ବିଶ୍ରାମ ମିଳୁନଥିଲା। ଏଭଳି ନିଷ୍ଠା ଓ ଧୈର୍ଯ୍ୟ ସବୁ କୌଣସି ଲେଖକଙ୍କ ପାଖରେ ଦେଖିବାକୁ ମିଳେ ନାହିଁ। ସେ ଥିଲେ ଅଧା ଓଡ଼ିଶାର ଓଡ଼ିଆ ଲୋକଙ୍କର ଦୂରର ଦ୍ରୋଣାଚାର୍ଯ୍ୟ। ଏକଥା କହିଛନ୍ତି ବିଶିଷ୍ଟ କଥାକାର ତଥା 'କଥା'ର ସମ୍ପାଦକ ଓ ଉତ୍ସବର ମୁଖ୍ୟଅତିଥି ଡକ୍ଟର ଗୌରହରି ଦାସ। ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ୨୨ ଜୁନ୍ ୨୦୧୯ ସାନ୍ଧ୍ୟ ଅଧିବେଶନରେ ଭୁବନେଶ୍ୱରସ୍ଥ ପାନ୍ଥନିବାସରେ ଆୟୋଜିତ ପଦ୍ମଶ୍ରୀ ବିନୋଦ କାନୁନ୍‌ଗୋଙ୍କ ଶ୍ରାଦ୍ଧୋତ୍ସବରେ ଡକ୍ଟର ଗୌରହରି ଦାସ ମୁଖ୍ୟଅତିଥି ଭାବେ ଯୋଗଦାନ କରି ବିନୋଦ କାନୁନ୍‌ଗୋଙ୍କ ଜୀବନୀ ଓ ତାଙ୍କର ବହୁମୁଖି ପ୍ରତିଭା ଦିଗରେ ଆଲୋଚନା କରିଥିଲେ।

ବିନୋଦ କାନୁନ୍‌ଗୋଙ୍କ ବିଶିଷ୍ଟ ଦିଗ ଉପରେ କିଛି ବକ୍ତବ୍ୟ ରଖିବା ସହ ତାଙ୍କର କର୍ମମୟ ଜୀବନ ସମ୍ପର୍କରେ ଆଲୋଚନା କରିଥିଲେ। ୧୦ମ ଶ୍ରେଣୀରୁ ସ୍କୁଲ ଛାଡ଼ି ସେ ଗାନ୍ଧୀଙ୍କ ଡାକରାରେ ସତ୍ୟାଗ୍ରହୀ ଭାବେ ଯୋଗ ଦେବା, ସୁବକ୍ତା, ସାଙ୍ଗଠନିକ ଦକ୍ଷତା ଆଦି କିପରି କମ୍ ବୟସରୁ ଜଣାପଡ଼ିଥିଲା ଏବଂ ସେତେବେଳେ ଉତ୍କଳ ବିଶ୍ୱବିଦ୍ୟାଳୟ ଜ୍ଞାନକୋଷ ପ୍ରସ୍ତୁତ କରିବା ପାଇଁ ଅନୁଦାନ ନେଇ ଯେଉଁ କାମ କରିପାରି ନଥିଲା, ତାହା ବ୍ୟକ୍ତିଗତ ଉଦ୍ୟମରେ ବିନା ସରକାରୀ ପ୍ରୋତ୍ସାହନରେ ୩୦ ବର୍ଷ ମଧ୍ୟରେ ୪୦ ଖଣ୍ଡ ବିଶ୍ୱ ଜ୍ଞାନକୋଷ ଲେଖି ପ୍ରମାଣିତ କରି ଦେଖାଇ ଦେଇଥିଲେ। ସେ ରାଜା କି ସମ୍ରାଟ ନଥିଲେ କିନ୍ତୁ ଓଡ଼ିଆ ଜାତିର ଓ ସାହିତ୍ୟର ସେ ସମ୍ରାଟ ଥିଲେ ବୋଲି ଗାଳ୍ପିକ ତଥା ଅନୁବାଦକ ସାତେଶ ତ୍ରିପାଠୀ ମୁଖ୍ୟବକ୍ତା ଭାବେ ଯୋଗଦେଇ ନିଜର ଅଭିଭାଷଣ ପ୍ରଦାନ କରିପାରିଥିଲେ। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ନିର୍ଦ୍ଦେଶକ ତଥା ଅତିରିକ୍ତ ଶାସନ ସଚିବ ଶ୍ରୀ ବିଜୟ କୁମାର ନାୟକ ଯୋଗଦାନ କରି ଭାଷାକୋଷ ଓ ଜ୍ଞାନକୋଷ ଓଡ଼ିଆ ସାହିତ୍ୟକୁ ମୂଲ୍ୟବାନ ଦାନ ବୋଲି ବିନୋଦ କାନୁନ୍‌ଗୋ ଗାନ୍ଧୀ ବିଚାରକୁ ଅନ୍ତରଙ୍ଗ ଭାବେ ବୁଝି ଅନ୍ୟକୁ ବୁଝେଇବାରେ ପ୍ରମୁଖ ଭୂମିକା ନେଇଥିଲେ ବୋଲି ନିଜର ବକ୍ତବ୍ୟ ସୂଚାଇଥିଲେ। ଓଡ଼ିଶା ସାହିତ୍ୟ ଏକାଡେମୀର ସଭାପତି ଶ୍ରୀ ହରିହର ମିଶ୍ର କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରି ବିନୋଦ କାନୁନ୍‌ଗୋଙ୍କ ସାରସ୍ୱତ ସୃଷ୍ଟି ଓ ଜୀବନାଦର୍ଶ ଉପରେ ମତ ରଖିଥିଲେ। ପ୍ରାରମ୍ଭରେ ଏକାଡେମୀର ସଚିବ ଜୟନ୍ତୀ ରଥ ସ୍ୱାଗତ ଭାଷଣ ସହ ଅତିଥି ପରିଚୟ ଦେବା ସହ ତାଙ୍କର ସାରସ୍ୱତ କୃତି ଉପରେ ସମ୍ୟକ ସୂଚନା ପ୍ରଦାନ କରିଥିଲେ। ପରିଶେଷରେ ଏକାଡେମୀର ବରିଷ୍ଠ ସହକାରୀ ଶ୍ରୀ ସଞ୍ଜୟ କୁମାର ଛୁଆଳସିଂହଙ୍କ ଦ୍ୱାରା ଧନ୍ୟବାଦ ଅର୍ପଣ କରାଯାଇଥିଲା। ଏହି ଅବସରରେ ଶାଶ୍ୱତୀ କଲଚରାଲ ସେଣ୍ଟର ପକ୍ଷରୁ ସଙ୍ଗୀତ ପରିବେଷଣ କରାଯାଇଥିଲା।

# ଓଡ଼ିଶା ରାଜ୍ୟ ଗଠନରେ ସାର୍ ରାଜା ବାସୁଦେବ ସୁଢ଼ଳଦେବ ପ୍ରଚେଷ୍ଟା ହୃଦୟସ୍ପର୍ଶୀ



ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ଦେବଗଡ଼ ଶ୍ରୀଜଗନ୍ନାଥ ସାହିତ୍ୟ ସଂସଦର ମିଳିତ ସହଯୋଗରେ ଦେବଗଡ଼ସ୍ଥ ଟାଉନ ହଲଠାରେ ସାର୍ ରାଜା ବାସୁଦେବ ସୁଢ଼ଳଦେବଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ୧୬ ମଇ ୨୦୧୯ ସାନ୍ଧ୍ୟ ଅବସରରେ ପାଳିତ ହୋଇଯାଇଛି। ଏହି ଅବସରରେ ଆମ ଗାଁ ଆମ ସାହିତ୍ୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶ୍ରୀଜଗନ୍ନାଥ ସାହିତ୍ୟ ସଂସଦର ସଭାପତି ଡକ୍ଟର ପଦ୍ମନାଭ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଓଡ଼ିଶା ଭାଷା ପ୍ରତିଷ୍ଠାନର ନିର୍ଦ୍ଦେଶିକା ଡକ୍ଟର ତମସାରାଣୀ ଦାସ ମହାପାତ୍ର, ବରିଷ୍ଠ ନାଟ୍ୟକାର ତଥା ନାଟ୍ୟ ନିର୍ଦ୍ଦେଶକ ଶ୍ରୀ ମାର୍କଣ୍ଡେଶ୍ୱର ଶତପଥୀ ମୁଖ୍ୟବକ୍ତା ଓ ମହିଳା ମହାବିଦ୍ୟାଳୟର ଅଧକ୍ଷା ଡକ୍ଟର ତନ୍ମୟୀ ମହାନ୍ତି ସମ୍ମାନନୀୟ ଅତିଥି, ବରିଷ୍ଠ ଆଇନଜୀବୀ ତଥା ଜିଲ୍ଲା ସଂସ୍କୃତି ପରିଷଦର ସଂଯୋଜକ ଦିଲ୍ଲୀପ କୁମାର ଗୁରୁ ପ୍ରମୁଖ ଯୋଗ ଦେଇ ସାର୍ ରାଜା ବାସୁଦେବ ସୁଢ଼ଳଦେବ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ପ୍ରତି ତାଙ୍କର ମହନୀୟତା କିଭଳି ଉଚ୍ଚ ପ୍ରଶଂସିତ ହୋଇପାରିଥିଲା ଏବଂ ଓଡ଼ିଶା ଗଠନରେ ସାର୍ ବାସୁଦେବ ସୁଢ଼ଳଦେବଙ୍କ ପ୍ରଚେଷ୍ଟା ହୃଦୟସ୍ପର୍ଶୀ ବୋଲି ମତବ୍ୟକ୍ତ ପାଇଥିଲା। ଏକାଡେମୀର ସଚିବ ଜୟନ୍ତୀ ରଥ ଉତ୍ସବକୁ ସ୍ୱାଗତ କରିବା ସହ ସୁଢ଼ଳଦେବଙ୍କ ବହୁମୁଖୀ ପ୍ରତିଭା ଦିଗରେ ସମ୍ୟକ ସୂଚନା ପ୍ରଦାନ କରିଥିଲେ। ବାମଣ୍ଡା କୃଷିର ଉନ୍ନତି ପାଇଁ ଚାଷ ଜମିରେ ଜଳସେଚନ ନିମନ୍ତେ ବିଭିନ୍ନ ପ୍ରକାର ପ୍ରକଳ୍ପ ସହ କରତକଳ, ଚିନିକଳ, ଲୁଗାକଳ ଦ୍ୱାରା ଲୋକମାନେ କିପରି ଆତ୍ମନିର୍ଭରଶୀଳ ହୋଇପାରିବେ ସେ ଦିଗରେ ସୁଢ଼ଳଦେବ ଉଦ୍ୟମ କିପରି ରହିଥିଲା ଏ ସମ୍ପର୍କରେ ଆୟୋଜିତ ସଭାରେ ଆମନ୍ତ୍ରିତ ଅତିଥିମାନଙ୍କ ଦ୍ୱାରା ବିଶଦ ଆଲୋଚନା କରାଯାଇଥିଲା। ଜଗନ୍ନାଥ ସାହିତ୍ୟ ସଂସଦର ସମ୍ପାଦକ ଚିତ୍ତରଞ୍ଜନ ଦାସ ଅତିଥି ପରିଚୟ ଦେଇଥିଲେ। ଓଡ଼ିଶା ସାହିତ୍ୟ ଏକାଡେମୀର ବରିଷ୍ଠ ସହକାରୀ ଶ୍ରୀ ସଞ୍ଜୟ କୁମାର ଛୁଆଳସିଂହ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ପୂର୍ବାହ୍ନ ୯.୦୦ ଘଟିକାରେ ରାଜବାଟି ସମ୍ମୁଖରେ ଥିବା ସାର ରାଜା ବାସୁଦେବ ସୁଢ଼ଳଦେବଙ୍କ ପ୍ରତିମୂର୍ତ୍ତିରେ ସ୍ଥାନୀୟ ମାନ୍ୟଗଣ୍ୟ ବ୍ୟକ୍ତିବିଶେଷଙ୍କ ଦ୍ୱାରା ମାଲ୍ୟାର୍ପଣ କରାଯାଇଥିଲା। ସଂସଦର ଉପସଭାପତି ନିରଞ୍ଜନ ଦ୍ୱିବେଦୀ, ଭାରତ ଭୂଷଣ ନନ୍ଦ ଏଥିରେ ସହଯୋଗ କରିଥିଲେ।

# ସାରସ୍ୱତ ସାଧନା, ସମାଜସେବା ତଥା ଦେଶ ମାତୃକାର ସେବା ଥିଲା ବାଞ୍ଛାନିଧିଙ୍କ ମୂଳମନ୍ତ୍ର



ଜାତୀୟକବି ବାଞ୍ଛାନିଧି ଥିଲେ ଜଣେ ଜାତୀୟବାଦୀ ନେତା। ସ୍ୱାଧୀନତା ଆନ୍ଦୋଳନ ସମୟରେ ତାଙ୍କର ଅଗ୍ନିବର୍ଷୀ ଭାଷଣ ଓ କବିତା ସୁପ୍ତ ଜନତା ପ୍ରାଣରେ ଜାତୀୟତା ଭାବଧାରାକୁ ଉଦ୍‌ଜୀବିତ କରିବା ପାଇଁ ଯେଉଁପରି ପ୍ରଚେଷ୍ଟା ରହି ପାରିଥିଲା ଏବଂ ମହାତ୍ମାଗାନ୍ଧୀ, ଗୋପବନ୍ଧୁ ଦାସ ଓ ନେତାଜୀ ସୁଭାଷ ବୋଷଙ୍କ ସହ ତାଙ୍କର ଜୀବନଶୈଳୀର ଅନେକ ସାମଞ୍ଜସ୍ୟ ଦେଖିବାକୁ ମିଳିଥାଏ। ସାରସ୍ୱତ ସାଧନା, ସମାଜସେବା ତଥା ଦେଶ ମାତୃକାର ସେବା ଥିଲା ବାଞ୍ଛାନିଧିଙ୍କ ମୂଳମନ୍ତ୍ର। ସେତେବେଳେ ଏକ ବିରାଟ ଗଣ ବିପ୍ଳବକୁ ପ୍ରତିରୋଧ କରିବା ପାଇଁ ବହୁ ସଂଗ୍ରାମୀକୁ ସହିଦ ହେବାକୁ ପଡ଼ିଲା। ଆମେ ଆଜି ସ୍ୱାଧୀନ ଦେଶର ନାଗରିକ ଭାବେ ଗର୍ବ କରୁଥିବାବେଳେ ସେମାନଙ୍କ ତ୍ୟାଗ ବଳିଦାନକୁ ପାଶୋରି ଦେଲେ ହେବ ନାହିଁ ବୋଲି ଭଦ୍ରକ ସହିଦ ସ୍ମୃତି ଭବନଠାରେ କବିଙ୍କ ଜୟନ୍ତୀ ୨୦ ଅପ୍ରେଲ ୨୦୧୯ ସାନ୍ଧ୍ୟ ଅଧିବେଶନରେ ଆୟୋଜିତ ଜୟନ୍ତୀରେ ଅବସରରେ ବକ୍ତାମାନେ ମତପ୍ରକାଶ କରିଛନ୍ତି। ଡ. ଦୁର୍ଯ୍ୟୋଧନ ଦାସଙ୍କ ସଭାପତିତ୍ୱରେ ଓଡ଼ିଶା ସାହିତ୍ୟ ଏକାଡେମୀ ଓ ବାଞ୍ଛାନିଧି ସ୍ମୃତି ପରିଷଦ ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ଜାତୀୟ କବି ବାଞ୍ଛାନିଧି ମହାନ୍ତିଙ୍କ ଜୟନ୍ତୀ ସଭା ଆୟୋଜନ ହୋଇଥିଲା। ଭଦ୍ରକ ସଙ୍ଗୀତ ମହାବିଦ୍ୟାଳୟ ପକ୍ଷରୁ କବିଙ୍କ ରଚିତ ତିନୋଟି ସଙ୍ଗୀତ ପର୍ଯ୍ୟାୟକ୍ରମେ ଗାନ କରାଯାଇ ଉତ୍ସବକୁ ଆକର୍ଷଣୀୟ କରାଯାଇଥିଲା। ମୁଖ୍ୟଅତିଥି ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର ପ୍ରାପ୍ତ ନାଟ୍ୟକାର ଡ. ରମେଶ ଚନ୍ଦ୍ର ଦାସ, ଓଡ଼ିଶା ସାହିତ୍ୟ ଏକାଡେମୀ ସଦସ୍ୟ ପ୍ରଫେସର ଡ. ଶଶଧର ଦାସ ମୁଖ୍ୟବକ୍ତା ମୁଖ୍ୟବକ୍ତା ଭାବେ ଯୋଗଦାନ କରିଥିଲେ। ଚଳିତ ବର୍ଷର ବାଞ୍ଛାନିଧି ସ୍ମାରକୀ ସମ୍ମାନ ସାହିତ୍ୟ ଏକାଡେମୀ ପୁରସ୍କୃତ କବି ଇଂ. ଡକ୍ଟର ଆଶୁତୋଷ ପରିଡ଼ାଙ୍କୁ ପ୍ରଦାନ କରାଯାଇଛି। ସମ୍ବର୍ଦ୍ଧନାର ଉତ୍ତରରେ ଏହି ସମ୍ମାନ ମୋ ଜୀବନର ଶ୍ରେଷ୍ଠ ପୁରସ୍କାର ବୋଲି କହିଥିଲେ ଡ. ପରିଡ଼ା। କବିଙ୍କ ପୁଅ ବରିଷ୍ଠ ଅଧିବକ୍ତା ଯତୀନ୍ଦ୍ର ମୋହନ ମହାନ୍ତି ତାଙ୍କ ବାପାଙ୍କ ସ୍ୱାଧୀନତା ସମୟର ଅଭିଜ୍ଞତା ବର୍ଣ୍ଣନା କରି ଓଡ଼ିଶା ସରକାରଙ୍କ ସଂସ୍କୃତି ବିଭାଗ ରାଜଧାନୀଠାରେ ତାଙ୍କ ବାପାଙ୍କ ମୂର୍ତ୍ତି ସ୍ଥାପନ କରିଥିବାରୁ ଓଡ଼ିଶା ସରକାରଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ। ଅନ୍ୟତମ ସମ୍ମାନନୀୟ ଅତିଥି ଏକାଡେମୀର ସଦସ୍ୟ ଇଂ. ଅଭୟ ସୂତାର ଭାବେ ଯୋଗଦେଇ ଏକାଡେମୀର କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ଅନ୍ୟତମ ସଦସ୍ୟ ଶ୍ରୀ ପୂର୍ଣ୍ଣଚନ୍ଦ୍ର ବହଳୀ ସ୍ୱାଗତ ଭାଷଣ, କବି ରତିକାନ୍ତ ବେହେରା ଅତିଥି ପରିଚୟ, ପରିଷଦର ସମ୍ପାଦକ ଚିତ୍ରଶିଳ୍ପୀ ଶ୍ରୀ ଅଶୋକ ମହାନ୍ତି ସମ୍ପାଦକୀୟ ବିବରଣୀ ପ୍ରଦାନ କରିଥିଲେ। ରାଣିତାଲରୁ ଆସିଥିବା କବି ମହେନ୍ଦ୍ର ପ୍ରସାଦ ବାରିକ ବାଞ୍ଛାନିଧିଙ୍କ ଉପରେ ଲିଖିତ କବିତା ପାଠ, ଶ୍ରୀ ପୂର୍ଣ୍ଣଚନ୍ଦ୍ର ମହାନ୍ତି ଉତ୍ସବରେ ସଂଯୋଜନା ଓ ପରିଷଦର ସହସମ୍ପାଦକ ଶ୍ରୀ କୃଷ୍ଣଚନ୍ଦ୍ର ମହାନ୍ତି ଧନ୍ୟବାଦ ଦେଇଥିଲେ।

# ଆଧୁନିକ ଓଡ଼ିଆ ସାହିତ୍ୟରେ ନବଦିଗନ୍ତର ଉନ୍ମୋଚକ ଥିଲେ ସଚ୍ଚି ରାଉତରାୟ



ଓଡ଼ିଶା ସାହିତ୍ୟ ଏକାଡେମୀ ଓ ଖୋର୍ଦ୍ଧା ସାହିତ୍ୟ ସଂସଦର ମିଳିତ ସହଯୋଗରେ ପଦ୍ମଶ୍ରୀ ଡକ୍ଟର ସଚ୍ଚି ରାଉତରାୟଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଖୋର୍ଦ୍ଧାସ୍ଥ ସଂସ୍କୃତି ଭବନଠାରେ ୧୯ ମଇ ୨୦୧୯ ସାନ୍ଧ୍ୟ ଆସରରେ ଅନୁଷ୍ଠିତ ହୋଇଯାଇଛି । ସଂସଦର ସଭାପତି ପ୍ରାଧ୍ୟାପକ ଗୋପାଳକୃଷ୍ଣ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିଶିଷ୍ଟ କବି ଫନୀ ମହାନ୍ତି ଯୋଗଦେଇ ସଚ୍ଚି ରାଉତରାୟଙ୍କ କାବ୍ୟାଧାରା ଉପରେ ବକ୍ତବ୍ୟ ଦେବା ସହ ଆନ୍ତର୍ଜାତିକ ସାହିତ୍ୟର ଗତିଧାରା ସହିତ ଓଡ଼ିଆ ସାହିତ୍ୟର ବୈପ୍ଳବିକ ପରିବର୍ତ୍ତନ ଆଣିବାରେ ଡକ୍ଟର ସଚ୍ଚି ରାଉତରାୟ ଥିଲେ ଅଦ୍ୱିତୀୟ ଏବଂ ଆଧୁନିକ ଓଡ଼ିଆ ସାହିତ୍ୟରେ ନବଦିଗନ୍ତର ଉନ୍ମୋଚକ ବୋଲି ମତବ୍ୟକ୍ତ କରିଥିଲେ । ମୁଖ୍ୟବକ୍ତା ବିଶିଷ୍ଟ ସାହିତ୍ୟିକା ଡକ୍ଟର ମନୋରମା ବିଶ୍ୱାଳ ମହାପାତ୍ର ସଚ୍ଚି ରାଉତରାୟଙ୍କୁ ଭାରତୀୟ ସାହିତ୍ୟ ଜଗତର ଜଣେ ମହାନ ପ୍ରତିଭା ବୋଲି ଅଭିହିତ କରିଥିଲେ । ସମ୍ମାନନୀୟ ଅତିଥି ଭାବେ ଅବସରପ୍ରାପ୍ତ ପ୍ରାଧ୍ୟାପକ ଡକ୍ଟର ଶଶାଙ୍କ ଶେଖର ରଥ, ଡକ୍ଟର ମଦନ ମୋହନ ମହଲା ପ୍ରମୁଖ ଅତିଥି ଯୋଗଦେଇ ଖୋର୍ଦ୍ଧା ମାଟିରେ ଜନ୍ମ ନେଇଥିବା ଡକ୍ଟର ରାଉତରାୟଙ୍କ ସାହିତ୍ୟର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ । ଏକାଡେମୀର ବରିଷ୍ଠ ସହକାରୀ ଶ୍ରୀ ସଞ୍ଜୟ କୁମାର ଛୁଆଳସିଂହ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଖୋର୍ଦ୍ଧାରେ ତାଙ୍କର ଏକ ପ୍ରତିମୂର୍ତ୍ତି ସ୍ଥାପନ ପାଇଁ ରାଜ୍ୟ ସରକାରଙ୍କୁ ନିବେଦନ କରାଯିବ ବୋଲି ବୈଠକରେ ଆଲୋଚିତ ହୋଇଥିଲା । ସାହିତ୍ୟ ସଂସଦ ସମ୍ପାଦକ ଡକ୍ଟର ଧୀରେନ୍ଦ୍ର କୁମାର ନନ୍ଦ ଅତିଥି ପରିଚୟ ପ୍ରଦାନ କରିଥିଲେ । ପରିଶେଷରେ ଶ୍ରୀ ନିରଞ୍ଜନ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ ।

# ଓଡ଼ିଆ ସାହିତ୍ୟ ସଂସ୍କୃତିର ସମୃଦ୍ଧି ତଥା ବିକାଶକଳ୍ପେ ବିକ୍ରମଦେବ ବର୍ମାଙ୍କ ସାଧୁ ପ୍ରଚେଷ୍ଟା ଅପରିସୀମ




ରାଜର୍ଷି ମହାରାଜା ବିକ୍ରମଦେବ ବର୍ମା ଥିଲେ ଉଭୟ ଓଡ଼ିଆ ଏବଂ ତେଲୁଗୁ ଭାଷା, ସାହିତ୍ୟ ଓ ସଂସ୍କୃତିର ବାର୍ତ୍ତାବହ । ଉଭୟ ରାଜ୍ୟ ଓ ଜାତି ପାଇଁ ସେ ସାରାଜୀବନ ଉତ୍ସର୍ଗ କରିଥିଲେ । ତେଣୁ ଦୁଇ ଜାତିର ସେ ନମସ୍ୟ । କୋରାପୁଟ ଜିଲ୍ଲାର ଜୟପୁରସ୍ଥ ହୋଟେଲ ମଧୁମତୀ ସଭାକକ୍ଷରେ ୨୮ ଜୁନ୍ ୨୦୧୯ ସାନ୍ଧ୍ୟ ଆସରରେ ସାହିତ୍ୟ ସମ୍ରାଟ ରାଜର୍ଷି ବିକ୍ରମଦେବ ବର୍ମାଙ୍କ ଜୟନ୍ତୀ ପାଳିତ ହୋଇଯାଇଛି । ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ଜୟପୁର ସାହିତ୍ୟ ପରିଷଦ ଓ ଜିଲ୍ଲା ସଂସ୍କୃତି ବିଭାଗର ମିଳିତ ସହଯୋଗରେ ଆୟୋଜନ କରାଯାଇଥିଲା । ସାହିତ୍ୟ ପରିଷଦ ସଭାପତି ଲକ୍ଷ୍ମୀକାନ୍ତ ପାଢ଼ି ଏଥିରେ ଅଧ୍ୟକ୍ଷତା କରିଥିଲେ । ଜିଲ୍ଲା ସଂସ୍କୃତି ଅଧିକାରୀ ଶ୍ରୀ ଅକ୍ଷୟ କୁମାର ସେଠୀ ମୁଖ୍ୟଅତିଥି, ସାହିତ୍ୟିକ କବି ମନମୋହନ ଆଚାର୍ଯ୍ୟ ମୁଖ୍ୟବକ୍ତା, ଓଡ଼ିଶା ସାହିତ୍ୟ ଏକାଡେମୀ କାର୍ଯ୍ୟକାରୀ ପରିଷଦ ସଦସ୍ୟ ଶ୍ରୀ ଭାଗିରଥି ମହାସୁଆର ସମ୍ମାନନୀୟ ଅତିଥି ଭାବେ ଯୋଗଦାନ କରି ବିକ୍ରମଦେବ ବର୍ମାଙ୍କ ବହୁମୁଖୀ ପ୍ରତିଭା ଉପରେ ସୁବିସ୍ତୃତ ଆଲୋଚନା କରିବା ସହ ଓଡ଼ିଆ ସାହିତ୍ୟ ସଂସ୍କୃତି ତଥା ବିକାଶକଳ୍ପେ ଦିଗରେ ମହାରାଜା ବିକ୍ରମଦେବ ବର୍ମାଙ୍କ ସାଧୁ ପ୍ରଚେଷ୍ଟା ଅପରିସୀମ ବୋଲି ମତ ପ୍ରକାଶ କରିଥିଲେ । ସାହିତ୍ୟ ପରିଷଦ ସହ ସମ୍ପାଦକ ଶ୍ରୀ ଯଜ୍ଞେଶ୍ୱର ପଣ୍ଡା ସ୍ୱାଗତ ଭାଷଣ ଓ ଶ୍ରୀ ଅଶୋକ ମହାରଣା ଅତିଥି ପରିଚୟ ପ୍ରଦାନ କରିଥିଲେ । ଅତିଥିମାନେ ବିକ୍ରମଦେବଙ୍କ ଜୀବନୀ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ । ସାହିତ୍ୟର ବିକାଶ ଦିଗରେ ତାଙ୍କର ଅବଦାନ ସମ୍ପର୍କରେ କହିଥିଲେ । ସାହିତ୍ୟ ପରିଷଦ ସମ୍ପାଦକ ଶ୍ରୀ ନବକୃଷ୍ଣ ରଥ ସମ୍ପାଦକୀୟ ପାଠ କରିଥିଲେ । ଶେଷରେ ଶ୍ରୀ ଅଶୋକ କୁମାର ପଲେଇ ଧନ୍ୟବାଦ ଅର୍ପଣ କରିବା ସହ ଏକାଡେମୀର ବରିଷ୍ଠ ସହକାରୀ ଶ୍ରୀ ସଞ୍ଜୟ କୁମାର ଛୁଆଳସିଂହ କାର୍ଯ୍ୟକ୍ରମରେ ଯୋଗଦାନ କରିଥିଲେ । ଏହି ଅବସରରେ ସହଯୋଗୀ ଅନୁଷ୍ଠାନ ପକ୍ଷରୁ ଗବେଷକ ଶ୍ରୀରଙ୍ଗ ନାୟକ 'ସାହିତ୍ୟ ସମ୍ରାଟ ବିକ୍ରମଦେବ ସମ୍ମାନ' ଓ ସାରସ୍ୱତ ସାଧକ ଅନୀଳ ଚନ୍ଦ୍ର ଦାଶ 'ଜୟପୁର ସାହିତ୍ୟ ପରିଷଦ ସମ୍ମାନ' ପ୍ରଦାନ କରାଯାଇଥିଲା ।

# ଶ୍ରୀଲିଙ୍ଗରାଜାୟନ କାର୍ଯ୍ୟକ୍ରମ



ଓଡ଼ିଶା ସରକାରଙ୍କ ଓଡ଼ିଆ ଭାଷା,ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଓଡ଼ିଶା ସାହିତ୍ୟ ଏକାଡେମୀ ଓ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀଙ୍କ ମିଳିତ ସହଯୋଗରେ ବିଶ୍ୱପ୍ରସିଦ୍ଧ ଶୈବ ପୀଠ ପୁରୁଣା ଭୁବନେଶ୍ୱରସ୍ଥ ଲିଙ୍ଗରାଜ ହାଟ ମଣ୍ଡପଠାରେ ପ୍ରତି ମାସର ଶେଷ ରବିବାରରେ 'ଶ୍ରୀଲିଙ୍ଗରାଜାୟନ' ଆୟୋଜନ କରାଯାଉଅଛି । ଏହି କାର୍ଯ୍ୟକ୍ରମରେ ଭକ୍ତି ସୁମନ ଅର୍ପଣ ନିମନ୍ତେ ୨୮ ଅପ୍ରେଲ ୨୦୧୯ରେ ଡାକ୍ତର ଆଶୁତୋଷ ପ୍ରସାଦ ମିଶ୍ର, ୨୬ ମଇ ୨୦୧୯ରେ ଶ୍ରୀ କମଳେଶ ମହାରଣା ଯୋଗଦାନ କରି ଶୈବ ସଂସ୍କୃତିର ବିଭିନ୍ନ ଦିଗ ଉପରେ ତାତ୍ତ୍ୱିକ ଓ ପାଣ୍ଡିତ୍ୟପୂର୍ଣ୍ଣ ଆଲୋଚନା କରିଥିଲେ ଏବଂ ପରେ ଶୈବ ସଂସ୍କୃତି ଉପରେ ଆଧାରିତ ଭଜନ ଓ ଜଣାଣ ପରିବେଷଣ କରାଯାଇଥିଲା । ଏହି ସାରସ୍ୱତ ସନ୍ଧ୍ୟା ଆସରରେ ବହୁ ସଂଖ୍ୟକ କବି, ଲେଖକ, ସାହିତ୍ୟିକ, ସଙ୍ଗୀତଜ୍ଞ ଓ ସଂସ୍କୃତିପ୍ରେମୀ ଯୋଗଦାନ କରିଥିଲେ ।

# ଭୀମଭୋଇଙ୍କ କାବ୍ୟ ସୃଷ୍ଟି ବିଶ୍ୱ ସାହିତ୍ୟରେ ଏକ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିପାରିଛି



ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ପଞ୍ଚଖଣ୍ଡା କଳାପରିଷଦ ରେଢ଼ାଖୋଲଙ୍କ ମିଳିତ ସହଯୋଗରେ ସନ୍ଥକବି ଭୀମଭୋଇ ରାଜ୍ୟସ୍ତରୀୟ ଜୟନ୍ତୀ ୧୮ ମଇ ୨୦୧୯ ସନ୍ଧ୍ୟା ଆସରରେ ରେଢ଼ାଖୋଲସ୍ଥ କଦମ୍ବପଡ଼ିଆଠାରେ ଅନୁଷ୍ଠିତ ହୋଇଯାଇଛି । ଓଡ଼ିଶା ସାହିତ୍ୟ ଏକାଡେମୀର ଜିଲ୍ଲା ସଦସ୍ୟ ଗଣେଶରାମ ନାହାକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସାରସ୍ୱତ ସଭାରେ ଉପଜିଲ୍ଲାପାଳ ବିଶିକେଶନ ଦେହୁରୀ ମୁଖ୍ୟଅତିଥି, ସାହିତ୍ୟିକ ଡକ୍ଟର ପଞ୍ଚାନନ ମିଶ୍ର ମୁଖ୍ୟବକ୍ତା, ଅଧ୍ୟାପକ ଡକ୍ଟର ଶ୍ୟାମ ଭୋଇ ସମ୍ମାନନୀୟ ବକ୍ତା ଓ ଏକାଡେମୀର କାର୍ଯ୍ୟକାରୀ ପରିଷଦ ସଦସ୍ୟ ଶ୍ରୀ ଚନ୍ଦ୍ରଶେଖର ହୋତା ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇ ସନ୍ଥକବି ଭୀମ ଭୋଇଙ୍କ ଜୀବନାଦର୍ଶନ ଓ ଓଡ଼ିଆ ସାହିତ୍ୟକୁ ତାଙ୍କ ଅବଦାନ ଉପରେ ବକ୍ତାମାନେ ଆଲୋଚନା କରିବା ସହ ଭୀମଭୋଇଙ୍କ କାବ୍ୟ ସୃଷ୍ଟି ବିଶ୍ୱ ସାହିତ୍ୟରେ ଏକ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରି ପାରିଛି ବୋଲି ମତବ୍ୟକ୍ତ କରିଥିଲେ। ବାବା ଆନନ୍ଦ ଚନ୍ଦ୍ର ଦାସ ଓ ବାବା ଶେଷ ଦେବ ଦାସ ବିଶିଷ୍ଟ ଅତିଥି ଭାବେ ଯୋଗ କରି ତାଙ୍କର ବହୁମୁଖୀ ପ୍ରତିଭା ଉପରେ ଆଲୋଚନା କରିଥିଲେ। କନ୍ଧରାର ଭୀମଭୋଇଙ୍କ ଭକ୍ତମାନେ ଭଜନ ପରିବେଷଣ କରିଥିଲେ। ଅଧ୍ୟାପକ ଜୟକୃଷ୍ଣ ମିଶ୍ର ଅତିଥି ପରିଚୟ ଓ ସାମ୍ବାଦିକ ରଞ୍ଜିତ ଦେହୁରୀ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଜୟନ୍ତୀ ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦ ସଭ୍ୟ ପ୍ରଦୀପ ପ୍ରଧାନ, ଏନଏସି ଉପାଧ୍ୟକ୍ଷ ସୁନୀଲ ପ୍ରଧାନ, ରାଜୀବ ଲୋଚନ ପ୍ରଧାନ, ସୁଶାନ୍ତ ପ୍ରଧାନ, ଦେବାନନ୍ଦ ପ୍ରଧାନ, ଅଚ୍ୟୁତାନନ୍ଦ ପୁରୋହିତ, ଯୋଗଜନ୍ମା ଦାସଶର୍ମା, ବିକାଶ ଦାଶ ପ୍ରମୁଖ ଉପସ୍ଥିତ ଥିଲେ। ଅନୁଷ୍ଠାନ ପକ୍ଷରୁ ମହାବୀର ସିଂହ ଧନ୍ୟବାଦ ଅର୍ପଣ କରିଥିଲେ।

# ଓଡ଼ିଆ ସାହିତ୍ୟରେ ଚେତନାର ସୂତ୍ରଧର ଥିଲେ କଥାସମ୍ରାଟ ସୁରେନ୍ଦ୍ର ମହାନ୍ତି




ମାଟି ଓ ମଣିଷକୁ ଭଲ ପାଇବା ଥିଲା କଥା ସମ୍ରାଟ ସୁରେନ୍ଦ୍ର ମହାନ୍ତିଙ୍କ ସାହିତ୍ୟକୃତିର ଆଧାର। ସାହିତ୍ୟ, ରାଜନୀତି ଓ ସାମ୍ବାଦିକତାର ତ୍ରିଭୂଜ ପରିସରରେ ଥିବା ତାଙ୍କ ସାହିତ୍ୟର ଠିକ୍ ମୂଲ୍ୟାୟନ ହୋଇପାରି ନାହିଁ ବୋଲି କଥା ସମ୍ରାଟ ସୁରେନ୍ଦ୍ର ମହାନ୍ତିଙ୍କ ୯୭ତମ ଜୟନ୍ତୀରେ ଆମନ୍ତ୍ରିତ ବହୁ ବିଶିଷ୍ଟ ବ୍ୟକ୍ତିବିଶେଷମାନେ ମତବ୍ୟକ୍ତ କରିଛନ୍ତି। ଓଡ଼ିଶା ସାହିତ୍ୟ ଏକାଡେମୀ, ସୁରେନ୍ଦ୍ର ମହାନ୍ତି ମେମୋରିଆଲ ଟ୍ରଷ୍ଟ ଓ ସୁରେନ୍ଦ୍ର ମେମୋରିଆଲ କ୍ଲବ ମିଳିତ ସହଯୋଗରେ ଜନ୍ମମାଟି ସାଲେପୁର ନିକଟ ପୁରୁଷୋତ୍ତମପୁର ଗ୍ରାମର ଶରଧାବାଲି ପଡ଼ିଆରେ ୨୧ ଜୁନ ୨୦୧୯ ସନ୍ଧ୍ୟା ଅବସରରେ ଆୟୋଜିତ ଜୟନ୍ତୀରେ ଏକାଡେମୀର କାର୍ଯ୍ୟକାରୀ ପରିଷଦର ସଦସ୍ୟ ବିଶିଷ୍ଟ ସାହିତ୍ୟିକ ଡକ୍ଟର ବିଜୟାନନ୍ଦ ସିଂହ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଥିଲା। ଆୟୋଜିତ କାର୍ଯ୍ୟକ୍ରମରେ ସାଲେପୁରର ମାନ୍ୟବର ବିଧାୟକ ଶ୍ରୀ ପ୍ରଶାନ୍ତ କୁମାର ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ ସୁରେନ୍ଦ୍ର ମହାନ୍ତି ଓଡ଼ିଆ ସାହିତ୍ୟର ବିସ୍ମୟ ପୁରୁଷ ଓ ନୂତନ ଚେତନାର ସୂତ୍ରଧର। ମଧୁବାବୁଙ୍କୁ ଭଲ ପାଉଥିବା ଜଣେ କୃତୀ ସାହିତ୍ୟିକ ହିସାବରେ ତାଙ୍କର ଅବଦାନ ଅତୁଳନୀୟ ବୋଲି ନିଜର ବକ୍ତବ୍ୟ ଉପସ୍ଥାପନ କରିଥିଲେ। ମୁଖ୍ୟବକ୍ତା ଶିକ୍ଷାବିତ୍ ଡକ୍ଟର ବିଜୟ କୁମାର ଶତପଥୀ, ସମ୍ମାନନୀୟ ଅତିଥି ଗାନ୍ଧୀଦର୍ଶନ ତତ୍ତ୍ୱବିତ୍ ଶ୍ରୀ ବିନୋଦ ମହାନ୍ତି ପ୍ରମୁଖ ସୁରେନ୍ଦ୍ର ମହାନ୍ତିଙ୍କ ସାହିତ୍ୟ ଓ ଜୀବନୀ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ଶ୍ରୀ ବିଶ୍ୱଜିତ୍ ଦାସଙ୍କୁ ସୁରେନ୍ଦ୍ର ଶିକ୍ଷା ସମ୍ମାନ ଓ ଶ୍ରୀ ଦୀନବନ୍ଧୁ ମଲ୍ଲିକଙ୍କୁ ସୁରେନ୍ଦ୍ର ସେବା ସମ୍ମାନରେ ସମ୍ମାନିତ କରାଯାଇଥିଲା। ଦେବେନ୍ଦ୍ର କୁମାର ସ୍ୱାଇଁ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିବା ବେଳେ ବିଶ୍ୱରଞ୍ଜନ ସାହୁ ଧନ୍ୟବାଦ ଦେଇଥିଲେ। ଏକାଡେମୀର ବରିଷ୍ଠ ସହକାରୀ ଶ୍ରୀ ସଞ୍ଜୟ କୁମାର ଛଆଳସିଂହ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# ବୈଷ୍ଣବୀୟ ଭାବଚେତନାକୁ ସୁଦୃଢ଼ କରିବାରେ ଦୀନକୃଷ୍ଣଙ୍କ ରଚନା ଅତ୍ୟନ୍ତ ମର୍ମସ୍ପର୍ଶୀ




ଭକ୍ତକବି ଦୀନକୃଷ୍ଣ ଦାସଙ୍କୁ ନେଇ ବହୁ ବାଦ ବିବାଦ ଥିବା ସତ୍ତ୍ୱେ ସେ ଏକ ଓ ଅଭିନ୍ନ ବୋଲି ଏବେ ପ୍ରମାଣିତ ହୋଇଛି। ଏବେ ତାଙ୍କ ସୃଷ୍ଟିର ଗବେଷଣା ଏବଂ ତାଙ୍କ ଜନ୍ମପୀଠ ମଣ୍ଡୁତୁଣିଆର ବିକାଶ ଏବଂ କବିତାକୁ ପର୍ଯ୍ୟଟନ ସ୍ଥଳୀର ମାନ୍ୟତା ଦେବା ଏକାନ୍ତ ଆବଶ୍ୟକ ବୋଲି ଓଡ଼ିଶା ସାହିତ୍ୟ ଏକାଡେମୀ ଓ ଦୀନକୃଷ୍ଣ ସ୍ମୃତି ପରିଷଦର ମିଳିତ ଆନୁକୂଲ୍ୟରେ ୫ ମଇ ୨୦୧୯ ପୂର୍ବାହ୍ଣ ୧୦ ଘଟିକାରେ ଅନୁଷ୍ଠିତ ହୋଇଥିବା ରାଜ୍ୟସ୍ତରୀୟ ଦୀନକୃଷ୍ଣ ଦାସ ଜୟନ୍ତୀ ଉତ୍ସବରେ ଯୋଗ ଦେଇ ବକ୍ତାମାନେ ମତପ୍ରକାଶ କରିଛନ୍ତି। ଜଳେଶ୍ୱର ବ୍ଲକ ଅନ୍ତର୍ଗତ ସୁବର୍ଣ୍ଣରେଖା ନଦୀ କୂଳ ମୁଣ୍ଡୁତୁଣିଆ ଗାଁର କବିପୀଠରେ ଚଳିତ ବର୍ଷ ଭକ୍ତକବିଙ୍କ ଜୟନ୍ତୀ ଉତ୍ସବ ପାଳିତ ହୋଇଥିଲା। ଏଥିରେ ପରିଷଦର ସଭାପତି ଡକ୍ଟର ରମାକାନ୍ତ ଭଞ୍ଜ ପୌରୋହିତ୍ୟ କରିଥିଲେ। ମୁଖ୍ୟଅତିଥି ଭାବେ ଫକୀରମୋହନ ସାହିତ୍ୟ ପରିଷଦର ସଭାପତି ତଥା ପୂର୍ବତନ ଓଡ଼ିଶା ସାହିତ୍ୟ ଏକାଡେମୀର ସଦସ୍ୟ ଡକ୍ଟର ଶିରୀଷ ଚନ୍ଦ୍ର ଜେନା ଓ ସମ୍ମାନନୀୟ ଅତିଥି ରୂପେ ଓଡ଼ିଶା ସାହିତ୍ୟ ଏକାଡେମୀର ସଦସ୍ୟ ଡକ୍ଟର ହରିଶ୍ଚନ୍ଦ୍ର ବେହେରା ଯୋଗ ଦେଇ ବୈଷ୍ଣବୀୟ ଭାବଚେତନାକୁ ସୁଦୃଢ଼ କରିବାରେ ଦୀନକୃଷ୍ଣଙ୍କ ରଚନା ଅତ୍ୟନ୍ତ ମର୍ମସ୍ପର୍ଶୀ ବୋଲି ନିଜର ବକ୍ତବ୍ୟ ପ୍ରତିପାଦନ କରିଥିଲେ । ଏକାଡେମୀ ପୁରସ୍କୃତ କବି କୁମାର ଚକ୍ରବର୍ତ୍ତୀ ଆନୁଷ୍ଠାନିକ ଭାବେ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ଦୀନକୃଷ୍ଣ ସ୍ମୃତି ପରିଷଦର ପ୍ରତିଷ୍ଠାତା ସମ୍ପାଦକ ପ୍ରାଧ୍ୟାପକ ବିପିନ ବିହାରୀ ବିଶ୍ୱାଳ ବିବରଣୀ ପାଠ କରିଥିଲେ। ମୁଖ୍ୟବକ୍ତା ଭାବେ ଡକ୍ଟର ଭାଗବତ ବେହେରା ଯୋଗ ଦେଇ ରୀତି ଯୁଗର କବିଙ୍କ ମଧ୍ୟରେ ଦୀନକୃଷ୍ଣଙ୍କର ଆଧ୍ୟାତ୍ମିକତା ପ୍ରେମ ରସ ଓ ସାଧାରଣ ଜନତାକୁ ସାଧୁଜନ ବୋଲି କହିବା ଅନ୍ୟତ୍ର ବିରଳ ବୋଲି କହିଥିଲେ। ସମ୍ମାନନୀୟ ଅତିଥି ଭାବେ ଡକ୍ଟର ବିଜୟ କୁମାର ମିଶ୍ର, କବି ବ୍ରଜେନ୍ଦ୍ର ନାଥ ଗିରି, ହରିହର ପାଣିଗ୍ରାହୀ ଯୋଗ ଦେଇଥିଲେ। ପରିଶେଷରେ ଶ୍ରୀ ସୁବଳ ଚନ୍ଦ୍ର ପରିଡ଼ା ଧନ୍ୟବାଦ ଅର୍ପଣ କରିଥିଲେ।

# ଲୁପ୍ତ ଐତିହ୍ୟ ଗୌରବର ରଚନାକୁ ନିଜର ସ୍ୱଲିଖିତ ପୁସ୍ତକରେ ଦିଗ୍‌ଦର୍ଶନ ଦେଇଥିଲେ ପଣ୍ଡିତ କୃପାସିନ୍ଧୁ ମିଶ୍ର

ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ କୃପାସିନ୍ଧୁ ସ୍ମୃତି ସମିତିଙ୍କ ମିଳିତ ସହଯୋଗରେ ପଣ୍ଡିତ କୃପାସିନ୍ଧୁ ମିଶ୍ରଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ପୁରୀ ଜିଲ୍ଲା ବୀରପ୍ରତାପପୁର ଶାସନଠାରେ ୨୭ ମଇ ୨୦୧୯ ଅପରାହ୍ଣ ୩.୩୦ ଘଟିକାରେ ଅନୁଷ୍ଠିତ ହୋଇଯାଇଅଛି। ଏକାଡେମୀର ସଭାପତି ଶ୍ରୀ ହରିହର ମିଶ୍ର ଅଧ୍ୟକ୍ଷତା କରି ପଣ୍ଡିତ କୃପାସିନ୍ଧୁଙ୍କ ବହୁମୁଖୀ ପ୍ରତିଭା ଓ ଜୀବନାଦର୍ଶ ସମ୍ପର୍କରେ ଆଲୋଚନା କରିଥିଲେ। ମୁଖ୍ୟଅତିଥି ଭାବେ ଗବେଷକ ଡକ୍ଟର ସୁରେନ୍ଦ୍ର କୁମାର ମିଶ୍ର ଯୋଗଦାନ କରି କୃପାସିନ୍ଧୁଙ୍କ ଜୀବନୀ, ଜଣେ ଶିକ୍ଷାବିତ, ସମାଜ ସଂସ୍କାରକ ଓ ଐତିହାସିକ ଭାବେ ଲୁପ୍ତ ଐତିହ୍ୟ ଗୌରବର ରଚନାକୁ ନିଜର ସ୍ୱଲିଖିତ ପୁସ୍ତକରେ ଦିଗ୍‌ଦର୍ଶନ ଦେଇ ପାରିଥିଲେ ଏ ସମ୍ପର୍କରେ ନିଜର ଅଭିଭାଷଣ ପ୍ରଦାନ କରିଥିଲେ। ସାମନ୍ତ ଚନ୍ଦ୍ରଶେଖର ସ୍ୱୟଂଶାସିତ ମହାବିଦ୍ୟାଳୟ ସ୍ନାତକୋତ୍ତର ଓଡ଼ିଆ ବିଭାଗ ମୁଖ୍ୟ ପ୍ରଫେସର ଦିଲ୍ଲୀପ କୁମାର ସ୍ୱାଇଁ ମୁଖ୍ୟବକ୍ତା ଭାବେ ଯୋଗଦାନ କରି ସତ୍ୟବାଦୀର ସାଧକମାନେ କିପରି ତାଙ୍କର ସାହିତ୍ୟାଦର୍ଶକୁ ଜୀବନର ବିଭିନ୍ନ ବିଭବରେ ପ୍ରତିପାଦନ କରିଥିଲେ ଏ ସମ୍ପର୍କରେ ନିଜର ବକ୍ତବ୍ୟ ରଖିଥିଲେ। ଅଭିନନ୍ଦନିକା ସମ୍ପାଦକ ଶ୍ରୀ ଶ୍ୟାମ ପ୍ରକାଶ ସେନାପତି ସମ୍ମାନନୀୟ ଅତିଥି ଭାବେ ଯୋଗଦେଇ ପଣ୍ଡିତ କୃପାସିନ୍ଧୁଙ୍କ ସାହିତ୍ୟକୃତି ସମ୍ପର୍କରେ ମତାମତ ରଖିଥିଲେ। ଭାର୍ଗବୀ ବାଳିକା ଉଚ୍ଚ ବିଦ୍ୟାଳୟ ଏବଂ ବୀରପ୍ରତାପପୁର ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ପରିବେଷଣ କରାଯାଇଥିଲା। ସ୍ମୃତି ସମିତିର ସଭାପତି କୈଳାସ ଚନ୍ଦ୍ର ମିଶ୍ର ଏବଂ ସାହିତ୍ୟ ଏକାଡେମୀର ଭଣ୍ଡାର ରକ୍ଷକ ଶ୍ରୀ ଶରତ କୁମାର ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ଏହି ଅବସରରେ ପୁରସ୍କୃତ କରାଯାଇଥିଲା।



# ଶ୍ରୀଜଗନ୍ନାଥାୟନ

ରାଜ୍ୟ ସରକାରଙ୍କ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଓଡ଼ିଶା ସାହିତ୍ୟ ଏକାଡେମୀ ଓ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀଙ୍କ ମିଳିତ ସହଯୋଗରେ ପ୍ରତି ଇଂରାଜୀ ମାସର ଶେଷ ତାରିଖରେ ଶ୍ରୀଜଗନ୍ନାଥ ସଂସ୍କୃତି ଉପରେ ଆଧାରିତ ଶ୍ରୀଜଗନ୍ନାଥାୟନ କାର୍ଯ୍ୟକ୍ରମ ଭୁବନେଶ୍ୱରସ୍ଥ ରବୀନ୍ଦ୍ର ମଣ୍ଡପଠାରେ ଅନୁଷ୍ଠିତ ହୋଇଆସୁଅଛି। ଏ ଅବସରରେ ଶ୍ରୀଜଗନ୍ନାଥ ତତ୍ତ୍ୱ ଉପରେ ଶ୍ରୁତି ସୁଧା, ଭକ୍ତି ସଙ୍ଗୀତ, ଭକ୍ତି ସୁମନ ଓ ପରିଶେଷରେ ଶ୍ରୀଜଗନ୍ନାଥ ସଂସ୍କୃତି ଉପରେ ଆଧାରିତ ନାଟକ ପରିବେଷଣ କରାଯାଇଥାଏ। ୩୦ ଅପ୍ରେଲ ୨୦୧୯ରେ ପ୍ରାଧ୍ୟାପକ ଶୁକଦେବ ମହାନ୍ତି, ୩୧ ମଇ ୨୦୧୯ରେ ଶ୍ରୀ ପାର୍ଥସାରଥୀ ମହାନ୍ତି, ୩୦ ଜୁନ୍ ୨୦୧୯ରେ ପଣ୍ଡିତ ମାନଗୋବିନ୍ଦ ମହାସୂପକାର ଭକ୍ତି ସୁମନ କାର୍ଯ୍ୟକ୍ରମରେ ଯୋଗଦାନ କରି ଶ୍ରୀଜଗନ୍ନାଥ ସଂସ୍କୃତିର ବିଭିନ୍ନ ଦିଗ ଉପରେ ତାତ୍ତ୍ୱିକ ଓ ପାଣ୍ଡିତ୍ୟପୂର୍ଣ୍ଣ ଆଲୋଚନା କରିଥିଲେ।

# ଅଭିନନ୍ଦନ



ଓଡ଼ିଶା ସରକାରଙ୍କ ପର୍ଯ୍ୟଟନ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ମାନ୍ୟବର ମନ୍ତ୍ରୀ ଶ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀଙ୍କୁ ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ବିନମ୍ର ଅଭିନନ୍ଦନ ।

## ଗୋପୀନାଥ ମହାନ୍ତି.... *(ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ)*

ବହୁ ଦୃଷ୍ଟାନ୍ତ ଉପରେ ଆଲୋଚନା କରିଥିଲେ। ଆଦିବାସୀ ଜନଜାତିଙ୍କ ଦର୍ଶନ ଓ ସାଂସ୍କୃତିକ ବିଭବକୁ ଗଭୀର ଅନୁଧ୍ୟାନ କରି ଗୋପୀନାଥ ମହାନ୍ତି କିପରି ଏଦିଗରେ ଥିବା ପ୍ରାସଙ୍ଗିକତା ଓ ଅନୁକୂଳ ପ୍ରଭାବ ଉପରେ ନିଜ ମତ ଉପସ୍ଥାପନା କରିଥିଲେ। ଓଡ଼ିଶା ସାହିତ୍ୟ ଏକାଡେମୀର ସଭାପତି ବିଶିଷ୍ଟ କବି ଓ ନାଟ୍ୟକାର ହରିହର ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ ଆସରରେ ଗୋପୀନାଥ ମହାନ୍ତିଙ୍କୁ ଜଣେ ସତ୍‌ପୁରୁଷ ଭାବେ ତୁଳନା କରିବା ସହ ତାଙ୍କର ଆଦିବାସୀ ସଂସ୍କୃତି ପ୍ରତି ଥିବା ମହାନୁଭବତା ଉପରେ ନିଜର ଅଭିଭାଷଣ ପ୍ରଦାନ କରିଥିଲେ। ଏକାଡେମୀର ସଚିବ ଡ. ଜୟନ୍ତୀ ରଥ ସ୍ୱାଗତ ଭାଷଣ ପ୍ରଦାନ କରିବା ସହ ଗୋପୀନାଥ ମହାନ୍ତିଙ୍କ ବହୁମୁଖୀ ପ୍ରତିଭା ଦିଗରେ ସମ୍ୟକ ସୂଚନା ପ୍ରଦାନ କରିଥିଲେ। ଗୋପୀନାଥ ଇଣ୍ଟରନ୍ୟାସନାଲ୍‌ର ଅଧ୍ୟକ୍ଷ ଓଁକାରନାଥ ମହାନ୍ତି ସଙ୍ଗଠନର ବିଭିନ୍ନ କାର୍ଯ୍ୟାବଳୀ ଉପରେ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା କରିଥିଲେ। ସହଯୋଗୀ ଅନୁଷ୍ଠାନ ପକ୍ଷରୁ ଅମୃତ ନାଥ ମହାନ୍ତି ଧନ୍ୟବାଦ ପ୍ରଦାନ କରିଥିଲେ। ଏହି ଅବସରରେ ଗୋପୀନାଥ ମହାନ୍ତିଙ୍କ ରଚିତ ୮ଟି କ୍ଷୁଦ୍ର ଗଳ୍ପର ଇଂରାଜୀ ଅନୁବାଦ ସଙ୍କଳନ 'ହିଡେନ୍ ଗଙ୍ଗା ଆଣ୍ଡ ଅଦର୍ ଷ୍ଟୋରିଜ' ଏବଂ ଜନଜାତି ସଂସ୍କୃତି ଓ ବ୍ୟାକରଣ ଉପରେ ଗୋପୀନାଥଙ୍କ ରଚିତ ୫ଟି ପୁସ୍ତକର ଏକତ୍ର ସଙ୍କଳନ 'କୋରାପୁଟ ଅଞ୍ଚଳର ଆଦିବାସୀଙ୍କ ଭାଷା ଓ ସଂସ୍କୃତି' ପୁସ୍ତକଦ୍ୱୟ ଉନ୍ମୋଚିତ ହୋଇଥିଲା। ଏକାଡେମୀର ବରିଷ୍ଠ ସହକାରୀ ଶ୍ରୀ ସଞ୍ଜୟ କୁମାର ଛୁଆଳସିଂହ ଏଥିରେ ସହଯୋଗ କରିଥିଲେ।

# ସାରସ୍ୱତ ସାଧନା କ୍ଷେତ୍ରରେ କବି ଦୀପକ ମିଶ୍ରଙ୍କ କାବ୍ୟ ସୃଷ୍ଟି ଅନନ୍ୟ



ଗତ ୩୦ ଜୁନ୍ ୨୦୧୯ ପୂର୍ବାହ୍ଣ ୧୧.୩୦ ଘଟିକାରେ କେନ୍ଦ୍ରାପଡ଼ାଠାରେ ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ସ୍ଥାନୀୟ ସହଯୋଗୀ ଅନୁଷ୍ଠାନ ନିଖିଳ ଓଡ଼ିଶା କବି ଦୀପକ ମିଶ୍ର ସ୍ମୃତି ସଂସଦଙ୍କ ସହଯୋଗରେ କବି ଦୀପକ ମିଶ୍ରଙ୍କ ଜୟନ୍ତୀ ଏବଂ ଜିଲ୍ଲାସ୍ତରୀୟ ସାରସ୍ୱତ ଆସର ଓ କବିତା ପାଠୋତ୍ସବ କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟଠାରେ ଜିଲ୍ଲା ସଦସ୍ୟ ଡକ୍ଟର ବାସୁଦେବ ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଥିଲା। ଏହି ସାରସ୍ୱତ ଉତ୍ସବକୁ କେନ୍ଦ୍ରାପଡ଼ାର ମାନ୍ୟବର ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ଶ୍ରୀ ଶଶିଭୂଷଣ ବେହେରା ଉଦ୍‌ଘାଟକ, ଜିଲ୍ଲାର ଜିଲ୍ଲାପାଳ ଶ୍ରୀ ସମର୍ଥ ବର୍ମା। ମୁଖ୍ୟଅତିଥି, ସମ୍ପୃକ୍ତ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ପ୍ରାଧ୍ୟାପକ ନନ୍ଦକିଶୋର ପରିଡ଼ା ଓ ଅଧ୍ୟକ୍ଷ ଡକ୍ଟର ରାଜେନ୍ଦ୍ର ପ୍ରସାଦ ତ୍ରିପାଠୀ ସମ୍ମାନନୀୟ ଅତିଥି, ବରେଣ୍ୟ କବି ଡକ୍ଟର ସୌଭାଗ୍ୟ କୁମାର ମିଶ୍ର ମୁଖ୍ୟବକ୍ତା, ଏକାଡେମୀର ଅର୍ଥସମିତି ସଦସ୍ୟ ଶ୍ରୀ ରମାକାନ୍ତ ଜେନା, ପୂର୍ବତଟ ରେଳପଥର ବରିଷ୍ଠ ଲୋକସମ୍ପର୍କ ଅଧିକାରୀ ତଥା ବିଶିଷ୍ଟ କବି ଶ୍ରୀ ନିରାକାର ଦାସ ସମ୍ମାନନୀୟ ବକ୍ତା ଭାବରେ ଯୋଗଦାନ କରି ଦୀପକ ମିଶ୍ରଙ୍କ ସାରସ୍ୱତ ସାଧନା କ୍ଷେତ୍ରରେ ଯେଉଁ କାବ୍ୟ ସୃଷ୍ଟି ରଚନା କରି ଯାଇଛନ୍ତି ତାହା ଅନନ୍ୟ ବୋଲି ମତବ୍ୟକ୍ତ କରିଥିଲେ । ଏକାଡେମୀର ବରିଷ୍ଠ ସହକାରୀ ଶ୍ରୀ ସଞ୍ଜୟ କୁମାର ଛୁଆଳସିଂହ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ଦ୍ୱିତୀୟ ଅଧିବେଶନର କବିତା ପାଠୋତ୍ସବରେ ସହଯୋଗୀ ଅନୁଷ୍ଠାନ ପକ୍ଷରୁ ସମ୍ପାଦିକା ଶ୍ରୀମତୀ ଅବନ୍ତୀ ବେହେରା ସଭାମୁଖ୍ୟ, ସ୍କୁଲ ଓ ଗଣଶିକ୍ଷା ବିଭାଗର ଅତିରିକ୍ତ ଶାସନ ସଚିବ ତଥା ବିଶିଷ୍ଟ କବି ଶ୍ରୀ ଧନଞ୍ଜୟ ସ୍ୱାଇଁ ମୁଖ୍ୟଅତିଥି ଓ କଥାକାର ପବିତ୍ର ପାଣିଗ୍ରାହୀ ସମ୍ମାନନୀୟ ଅତିଥି ଭାବେ ଯୋଗଦାନ କରିଥିଲେ। ଅନ୍ୟାନ୍ୟ ଆମନ୍ତ୍ରିତ ଅତିଥି ଯଥା- ଶ୍ରୀମତୀ ଆରାଧନା ଦାସ, ଶ୍ରୀମତୀ ଚାରୁଲତା ଭୂୟାଁ, ଶ୍ରୀମତୀ ତୁହିନା ମିଶ୍ର ଓ ଶ୍ରୀମତୀ ବୀଣାପାଣି ଚୌଧୁରୀ ସଂଯୋଜନା କରିଥିଲେ। ପ୍ରଥମ ଅଧିବେଶନରେ ଶ୍ରୀ ଆଦିକନ୍ଦ ରାଉଳ ଏବଂ ଦ୍ୱିତୀୟ ଅଧିବେଶନରେ ଶ୍ରୀ ମନୋଜ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଏକଦିବସୀୟ କାର୍ଯ୍ୟକ୍ରମରେ କବି ଦୀପକ ମିଶ୍ରଙ୍କ ସାରସ୍ୱତ କୃତି, ଜୀବନୀ ଓ ସାହିତ୍ୟ ସାଧନା କ୍ଷେତ୍ରରେ କବିଙ୍କର କିପରି ଅତୁଳନୀୟ ଅବଦାନ ରହିଅଛି ସେ ସମ୍ପର୍କରେ ବିଶେଷ ଆଲୋଚନା କରିଥିଲେ।

# ଏକାଡେମୀର ଆର୍ଥିକ ସହାୟତାରେ ପାଳନ କରାଯାଉଥିବା ଜୟନ୍ତୀ/ଶ୍ରାଦ୍ଧୋତ୍ସବ

ଓଡ଼ିଶା ସାହିତ୍ୟ ଏକାଡେମୀର ଆର୍ଥିକ ସହାୟତାରେ ସାରସ୍ୱତ ସାଧକମାନଙ୍କ ଜୟନ୍ତୀ/ଶ୍ରାଦ୍ଧୋତ୍ସବ ପାଳନ କରାଯାଉଅଛି। ଏହି ଅବସରରେ ୧୨ ଅପ୍ରେଲ ୨୦୧୯ରେ ନୟାଗଡ଼ ଠାରେ ନାଟ୍ୟରଥି ଗୋବିନ୍ଦ ଚନ୍ଦ୍ର ଶୂରଦେଓ, ୩ ମଇ ୨୦୧୯ରେ ଦେବଗଡ଼ଠାରେ ରାଜକବି ସଚ୍ଚିଦାନନ୍ଦ ତ୍ରିଭୁବନ ଦେବ, ୯ ଜୁନ୍ ୨୦୧୯ରେ ସାକ୍ଷୀଗୋପାଳଠାରେ ପ୍ରଚାରକ ଅନନ୍ତ ମିଶ୍ର ଏବଂ ୨୭ ଜୁନ୍ ୨୦୧୯ରେ ବାଲେଶ୍ୱରଠାରେ କହ୍ନେଇଲାଲ ଦାସ ଜୟନ୍ତୀଗୁଡ଼ିକ ଆୟୋଜନ ହୋଇଯାଇଅଛି।

ଓଡ଼ିଶା ସାହିତ୍ୟ ଏକାଡେମୀ, ସଂସ୍କୃତି ଭବନ, ଭୁବନେଶ୍ୱର-୧୪
ଦୂରଭାଷ:୦୬୭୪-୨୪୩୧୮୩୯/ ଫ୍ୟାକ୍ସ :୨୪୩୧୮୪୦
ଇ-ମେଲ:odishasasahityaakademi@gmail.com
ୱେବସାଇଟ୍:www.odishasahityaakademi.org

ସମ୍ପାଦନା :
ସୁଶାନ୍ତ କୁମାର ନାୟକ
ସଞ୍ଜୟ କୁମାର ଛୁଆଳସିଂହ

ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ପ୍ରକାଶିତ , ମୁଦ୍ରଣ : ଗ୍ଲୋବାଲ ପ୍ରେସ୍, ରସୁଲଗଡ଼ ଶିଳ୍ପାଞ୍ଚଳ, ଭୁବନେଶ୍ୱର